ଶନିବାର, ୨୬ ଏପ୍ରିଲ, ୨୦୨୫

# ପିଲାଙ୍କ ଧରିତ୍ରୀ





# ଖିଲି ଖିଲି ହସ

ପ୍ରଥମକରି ଶାଶୁଘରକୁ ବୋହୂ ଆସିଛି । ଶାଶୁଘରେ ବୋହୂକୁ କହିଲେ, ମା' ଟିକେ ଅଟା ଚକଟିଦେ। ବୋହୂ ସଙ୍ଗେ ସଙ୍ଗେ ତା' ମା'କୁ ଫୋନ୍‌କରି କହିଲା–ମା' ତୁ ମୋତେ ଅଟା ଚକଟା ଶିଖାଇଦେ।

ମା': ଠିକ୍ ଅଛି , ଏବେ କିଛି ଅଟା ରଖ

ଝିଅ: ବୋଉ ଅଟା କୋଉଠି ରଖିବି ?

ମା': ତୋ ମୁଣ୍ଡରେ।

ଝିଅ: (ମୁଣ୍ଡରେ ଅଟା ପକାଇ) ଏବେ କ'ଣ କରିବି

ମା: ଅଟାରେ ପାଣି ପକା,ପାଣି ପକାଇଲା ପରେ କେମିତି ଲାଗୁଛି ?

ଝିଅ: ଟିକେ ଓଦାଳିଆ, ଲାଗୁଛି

ମା': ତେବେ ଆଉ ଟିକେ ଅଟା ପକାଇ ଦେଖ କେମିତି ଲାଗୁଛି ?

ଝିଅ:ଏବେ ଶୁଖା

ମା: ଠିକ୍ ଅଛି ହାତରେ ଅଳ୍ପ ଟିକେ ପାଣି ନେଇ ଅଟାକୁ ଭଲଭାବେ ଚକଟିଦେ, ଏବେ ଚକଟା ହୋଇଥିବା ଅଟାକୁ ଗୋଟିଏ ଜାଗାରେ ଏକାଠି କରି ରଖ। ଏବେ ଚକଟା ହୋଇଥିବା ଅଟାର ଫଟୋ ଉଠାଇ ମୋତେ ପଠା।

ଝିଅ: ତା' ମୁଣ୍ଡ ଉପରେ ଯେଉଁ ଅଟା ଚକଟି ଥିଲା,ସେଇ ଫଟୋ ଉଠାଇ ତା' ମା' ନିକଟକୁ ପଠାଇଦେଲା। ଏହା ଦେଖି ମା' ବେହୋସ ।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

# ପ୍ରକୃତ ବନ୍ଧୁ

ଗପ



ରିମା ଆଉ ଝୁମା ଦୁହେଁ ଖୁବ ଭଲ ସାଙ୍ଗ। ବିଦ୍ୟାଳୟରେ ଏକାଠି ଗୋଟିଏ ବେଞ୍ଚରେ ବସନ୍ତି, ଏକାଠି ଟିଫିନ ଖାଆନ୍ତି ଏବଂ ଛୁଟିଦିନରେ ଦୁହେଁ ଦୁହିଁଙ୍କ ଘରକୁ ବି ଯିବା ଆସିବା କରନ୍ତି। ଦୁହେଁ ପାଠ ବି ବହୁତ ଭଲ ପଢ଼ନ୍ତି। ସେମାନଙ୍କର ଏହି ବନ୍ଧୁତାକୁ ସହି ପାରେନାହିଁ ତାଙ୍କ ଶ୍ରେଣୀର କୁନ୍‌ମୁନ୍। ସେ ସବୁବେଳେ ଈର୍ଷା କରେ। ଶିକ୍ଷକ, ଶିକ୍ଷୟିତ୍ରୀମାନେ ବି ଦୁଇ ସାଙ୍ଗଙ୍କୁ ଭଲ ପାଆନ୍ତି, ଏଣୁ ଯେଉଁ କାମ ହେଲେ ଆଗେ ଝୁମା ଆଉ ରିମାକୁ ଖୋଜାପଡ଼େ। ବିଶେଷ କରି ଦୁହିଁଙ୍କର ମିଳିମିଶି କାମ କରିବା ଏବଂ ଗୁରୁଜନଙ୍କ ଆଦେଶ ପାଳନ କରିବା ଗୁଣ ସମସ୍ତଙ୍କୁ ମୁଗ୍ଧ କରେ।

କୁନ୍‌ମୁନ୍‌ର ଇଚ୍ଛା ହୁଏ ସମସ୍ତେ ତାକୁ ଖୋଜନ୍ତୁ, ହେଲେ ସେ ଟିକେ ରାଗି। କଥା କଥାକେ ସାଙ୍ଗମାନଙ୍କ ବିଷୟରେ ଯାଇ ଶ୍ରେଣୀ ଶିକ୍ଷକଙ୍କ ପାଖରେ ଅଭିଯୋଗ କରେ। ସେଥିପାଇଁ ତା' ସହିତ କେହି ସାଙ୍ଗ ହୁଅନ୍ତି ନାହିଁ। ସେ ଏକୁଟିଆ ଗୋଟିଏ ବେଞ୍ଚରେ ବସେ, ଏକା ଟିଫିନ ଖାଏ। ଥରେ ବିଦ୍ୟାଳୟରେ ବିଜ୍ଞାନମେଳା ହେବାର ଥାଏ। ଦୁଇ– ତିନିଜଣ ମିଶି ଗୋଟିଏ ଗୋଟିଏ ଦଳ ହୋଇ ସମସ୍ତଙ୍କୁ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତ ହେବାକୁ ବିଜ୍ଞାନ ଶିକ୍ଷକ କହିଦେଇ ଗଲେ। ସମସ୍ତେ ନିଜ ନିଜ ସାଥୀ ଚୟନ କରି ବିଜ୍ଞାନ ପ୍ରୋଜେକ୍ଟ ତିଆରି କରିବା ପାଇଁ ନାଁ ବାଛିନେଲେ। ହେଲେ ଏକୁଟିଆ ରହିଗଲା କୁନ୍‌ମୁନ୍। ତା'ର ରାଗି ଏବଂ ଅଭିଯୋଗ କରିବା ସ୍ୱଭାବ ଯୋଗୁ କେହି ତା' ସହ ସାଥୀ ହେବାକୁ ଇଚ୍ଛାକଲେ ନାହିଁ। କୁନ୍‌ମୁନ୍ ମନ ଦୁଃଖରେ ଦିନ ସାରା ଚୁପଚାପ ଶ୍ରେଣୀରେ ବସି ରହିଲା। ଏପରିକି ଖାଇବା ଛୁଟି ସମୟରେ ମଧ୍ୟ ଶ୍ରେଣୀ ବାହାରକୁ ଗଲା ନାହିଁ କି ଆଣିଥିବା ଖାଇବା ଖାଇଲା ନାହିଁ। ଏହି କଥାକୁ ଲକ୍ଷ୍ୟ କରିଥାନ୍ତି ରିମା ଆଉ ଝୁମା। ତେଣୁ ଦୁହେଁ ଯାଇ କୁନ୍‌ମୁନ୍‌କୁ ପଚାରିଲେ, 'ତୁ କ'ଣ ଆମ ସହ ମିଶି ବିଜ୍ଞାନମେଳାରେ ଭାଗ ନେବୁ ?' କୁନ୍‌ମୁନ୍ ଆଶ୍ଚର୍ଯ୍ୟ ହୋଇ ଦୁହିଁଙ୍କୁ ଚାହିଁଲା।

ତା' ମନ ବହୁତ ଖୁସି ହୋଇଗଲା ହେଲେ ପରମୁହୂର୍ତ୍ତରେ ତାକୁ ବହୁତ ଲାଜ ବି ଲାଗିଲା। ସେ ସବୁବେଳେ ତାଙ୍କର ବନ୍ଧୁତା ଦେଖି ଈର୍ଷା କରୁଥିଲା ଏବଂ ବେଳେବେଳେ ପ୍ରଧାନ ଶିକ୍ଷକଙ୍କୁ ଦୁହିଁଙ୍କ ନାଁରେ ମିଛ ବି କହିଥିଲା। ସେମନେ ସବୁକଥା ଜାଣି ତା' ସହ ସାଙ୍ଗ ହୋଇ ପ୍ରୋଜେକ୍ଟ କରିବାକୁ ଦେଉଥିବାରୁ ସେ ଆଶ୍ଚର୍ଯ୍ୟ ହେଉଥାଏ।

ରିମା କହିଲା, ଆମର ଗୋଟିଏ ସର୍ତ୍ତ ଅଛି, ଆଉ ତୋତେ ତାକୁ ମାନିବାକୁ ହେବ। ତା' ପରେ ହିଁ ଆମେ ତିନି ଜଣଙ୍କର ନାଁ ବିଜ୍ଞାନମେଳା ପାଇଁ ଦେବୁ। କ'ଣ ରାଜି ତ ?'

କୁନ୍‌ମୁନ୍ ସଙ୍ଗେ ସଙ୍ଗେ କହିଲା, ହଁ ହଁ ରାଜି। ତୁମେ ଯାହା କହିବ ମୁଁ ମାନିବି।

ଝୁମା କହିଲା, ଆଜି ପରଠୁ ତୁ କାହା ନାଁରେ ଯାଇ ସାର୍‌ଙ୍କ ପାଖରେ ଅଭିଯୋଗ କରିବୁ ନାହିଁ। ଆମ ଭିତରେ ଯିଏ ଭୁଲ୍ କଲେ ବି ଆମେ ମିଳିମିଶି ତାକୁ ସୁଧାରିନେବା। ଅଯଥାରେ କାହା ନାଁରେ ଯାଇ ଅଭିଯୋଗ କଲେ ଆମ ଶ୍ରେଣୀର ନାଁ ଖରାପ ହେଉଛି। ସମସ୍ତେ ଭାବିବେ ଆମ ଶ୍ରେଣୀର ପିଲାମାନେ ଶୃଙ୍ଖଳିତ ଏବଂ ଭଲ ବ୍ୟବହାର ଦେଖାଉ ନାହାନ୍ତି। ଆଜି ପରଠୁ ତୁ ସମସ୍ତଙ୍କ ସହ ମିଶିବାକୁ ଚେଷ୍ଟା କରିବୁ। ଅନ୍ୟର ଦୋଷ ବାହାରେ ପ୍ରକାଶ କଲେ ବନ୍ଧୁ ନୁହେଁ ବରଂ ଶତ୍ରୁ ସୃଷ୍ଟି ହୁଅନ୍ତି।

ରିମା ତା' କଥାରେ କଥା ଯୋଡ଼ିଲା, ଆଉ ହଁ ସେମିତି ଛୋଟ ଛୋଟ ଭୁଲ୍ ତ ସମସ୍ତଙ୍କର ଜାଣତ ଅଜାଣତରେ ହୋଇଯାଏ। ତାକୁ ଧରି ସାଙ୍ଗମାନଙ୍କୁ ଅପମାନିତ କଲେ, ସେମାନଙ୍କୁ କଷ୍ଟ ହେଉଛି। ସେମାନେ ତୋ ସହ ମିଶିବାକୁ, ପାଖରେ ବସିବାକୁ ଡରୁଛନ୍ତି।

କୁନ୍‌ମୁନ୍ ନିଜର ଭୁଲ୍ ବୁଝି ସାରିଥିଲା। ସାଙ୍ଗମାନଙ୍କ ବିରୋଧରେ ନୁହେଁ, ସେମାନଙ୍କ ସହ ମିଶି ରହିଲେ ବନ୍ଧୁତା ବଢ଼େ। ସେ ନିଜ ଭୁଲ୍ ପାଇଁ କ୍ଷମା ମାଗିଲା। ପରଦିନ ଶ୍ରେଣୀରେ ଯେତେବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ସମସ୍ତଙ୍କର ନାଁ ଡାକିଲେ, ରିମା, ଝୁମା ଓ କୁନ୍‌ମୁନ୍ ତିନିହେଁ ଏକାଠି ମିଶି ଗୋଟିଏ ପ୍ରୋଜେକ୍ଟ ପାଇଁ ନାଁ ଦେଲେ। ଶିକ୍ଷୟିତ୍ରୀ ବହୁତ ଖୁସି ହୋଇ ଶ୍ରେଣୀର ସମସ୍ତ ପିଲାଙ୍କ ଆଗରେ ରିମା ଓ ଝୁମାକୁ ସାବାସୀ ଦେଇ କହିଲେ, ସାଙ୍ଗ ହେବ ତ ଏମିତି। ସାଙ୍ଗକୁ ଭୁଲ୍ ରାସ୍ତାରୁ ଠିକ୍ ବାଟକୁ ଆଣିବା ବି ହେଉଛି ଗୋଟିଏ ପ୍ରକୃତ ବନ୍ଧୁର କାମ। ଆଜି ରିମା ଆଉ ଝୁମା, ସେଇଟା କରି ଦେଖାଇଛନ୍ତି। ଏ ଦୁହେଁ ଆମ ଶ୍ରେଣୀ ନୁହେଁ ଆମ ବିଦ୍ୟାଳୟର ଗୌରବ । ସମଗ୍ର ଶ୍ରେଣୀ କୋଠରିଟି ତାଳି ଶବ୍ଦରେ କମ୍ପି ଉଠିଲା। ସବୁ ପିଲା ନିଜ ନିଜ ସ୍ଥାନରୁ ଉଠି ରିମା ଆଉ ଝୁମା ପାଇଁ ତାଳି ବଜେଇ, ସେମାନଙ୍କୁ ଶୁଭେଚ୍ଛା ଜଣେଇଲେ।

**– ଶ୍ରୁତକୀର୍ତ୍ତି ତ୍ରିପାଠୀ, ଭୁବନେଶ୍ୱର**

ମୋ: ୬୩୭୦୫୧୬୪୭୮

# ସ୍କେଲେଟନ୍ ଲେକ୍



ପ୍ରକୃତିରେ ଏମିତି ଅନେକ ବିସ୍ମୟ ରହିଛି ଯାହା ସମ୍ପର୍କରେ ଏଯାଏ କୌଣସି ଗବେଷଣାତ୍ମକ ତଥ୍ୟ ମିଳିପାରିନି। ବିଶେଷକରି ହିମାଳୟ ପର୍ବତରେ ବହୁ ରହସ୍ୟମୟ ଘଟଣା ଦେଖିବାକୁ ମିଳିଥାଏ। ପ୍ରକୃତିର ଭିନ୍ନ ଭିନ୍ନ ରୂପକୁ ନେଇ ଏଠାରେ ଅନେକ ପ୍ରକାରର ବିସ୍ମୟ ରହିଛି। ଠିକ୍ ଏମିତି ଏକ ବିସ୍ମୟ ହେଉଛି ସ୍କେଲେଟନ୍ ଲେକ୍, ଯାହା ରୂପ କୁଣ୍ଡ ନାଁରେ ମଧ୍ୟ ଜଣାଶୁଣା। ଏହି ହ୍ରଦ ଭିତରେ ଶହ ଶହ ସଂଖ୍ୟାରେ ନରକଙ୍କାଳ ଭରି ରହିଛି। ଏସବୁ କଙ୍କାଳ କାହାର ଓ କିପରି ଏଠାକୁ ଆସିଲା ସେନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ। ୧୯୪୨ ମସିହାରେ ପ୍ରଥମେ ଇଂରେଜମାନେ ଏହି ହ୍ରଦ ସମ୍ପର୍କରେ ଜାଣିପାରିଥିଲେ। ଏତେଗୁଡିଏ କଙ୍କାଳ ହ୍ରଦ ମଧ୍ୟକୁ କିପରି ଆସିଲା ସେନଇ ବିଭିନ୍ନ ପ୍ରକାରର ଅନୁମାନ କରାଯାଇଥିଲା। ପ୍ରଥମେ କୁହାଯାଉଥିଲା କି ହ୍ରଦ ଭିତରେ ଥିବା କଙ୍କାଳସବୁ ଜାପାନୀ ସୈନିକମାନଙ୍କର ହୋଇଥିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୈନିକମାନେ ହିମାଳୟ ମଧ୍ୟ ଦେଇ ପଶି ଆସୁଥିବା ସମୟରେ ମୃତ୍ୟୁମୁଖରେ ପଡିଥିଲେ। କିନ୍ତୁ ଗବେଷଣାରୁ ଜଣାପଡିଲା କି ଏସବୁ କଙ୍କାଳ ଜାପାନୀ ସୈନିକଙ୍କର ନୁହେଁ ବରଂ ତା'ଠାରୁ ବହୁ ପୁରାତନ ସମୟର। ବହୁ ବୈଜ୍ଞାନିକ ଏହାକୁ ନେଇ ଅଧିକ ଅନୁସନ୍ଧାନ କରିଛନ୍ତି କିନ୍ତୁ ସମସ୍ତଙ୍କର ମତ ଭିନ୍ନ ଭିନ୍ନ ଆସିଛି। ତେବେ ୨୦୦୪ରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡିଛି କି ଏସବୁ କଙ୍କାଳ ୧୨ରୁ ୧୫ଶହ ଶତାବ୍ଦୀର। କଙ୍କାଳର ଡିଏନ୍‌ଏ ପରୀକ୍ଷା ପରେ ଜଣାପଡିଛି କି ଏସବୁ ଭିନ୍ନ ଭିନ୍ନ ଭୌଗୋଳିକ ସ୍ଥାନର ଏବଂ କୌଣସି ଭାରି ଜିନିଷ ପଡିବା ଫଳରେ ଏମାନଙ୍କର ମୃତ୍ୟୁ ହୋଇଛି।

# ମତାମତ

▸▸ ଖିଲିଖିଲି ହସରେ ପ୍ରକାଶିତ ହେଉଥିବା ହସକଥା ପଢ଼ିବାକୁ ମଜା ଲାଗୁଛି। ଏହାର କଳେବର ଟିକେ ବଢ଼ାଇଲେ ଭଲ ହୁଅନ୍ତା।

**–ସୁଲୋଚନା ରାଉତ, ରାଜାବଗିଚା, କଟକ**

▸▸ ରୋଗୀକୁ କିପରି ଅମ୍ଳଜାନ ଯୋଗାଇ ଦିଆଯାଏ ସେ ସମ୍ପର୍କରେ ଜାଣିବାକୁ ପାଇଲି।

**–ରଞ୍ଜନ ପିଲାଇ, ରାଉରକେଲା**

▸▸ ସର୍ବକନିଷ୍ଠ ଟାଏକୋଣ୍ଡୋ ଇନ୍‌ଷ୍ଟ୍ରକ୍ଟର ପଢ଼ି ତାଙ୍କ ବିଷୟରେ କିଛି ତଥ୍ୟ ଜାଣିବାକୁ ପାଇଲି।

**–ଆଲୋକ କୁମାର ପୃଷ୍ଟି, ବମିଖାଲ, ଭୁବନେଶ୍ୱର**



# ଦୃଢ଼ ମନୋବଳ

**କେବେ କେବେ ପିଲାମାନେ ଛୋଟଛୋଟ କଥାକୁ ନେଇ ବହୁ ଚିନ୍ତିତ ହୋଇଥାଆନ୍ତି। ଏହା ସେମାନଙ୍କ ଚାଲିଚଳଣରୁ ସ୍ପଷ୍ଟ ବାରି ହୋଇ ପଡ଼ିଥାଏ। କିନ୍ତୁ ଏହି ସମୟରେ ମନୋବଳ ଦୃଢ ନ ହେଲେ ମନରେ ନକାରାତ୍ମକ ଭାବନା ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ଏଭଳି ଅବସ୍ଥାରେ ମନୋବଳକୁ ଦୃଢ଼ କରିବାର ଉପାୟ ସମ୍ପର୍କରେ .....**

ଛୋଟ ଛୋଟ କଥା ପିଲାଙ୍କ ଲାଗି ବହୁତ ବଡ ସମସ୍ୟାକୁ ଡାକି ଆଣିଥାଏ। ସ୍କୁଲରେ ହେଉଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଲାଟିଏ ଭାଗ ନିଏ, ବହୁତ ପରିଶ୍ରମ କରେ ହେଲେ ବିଜେତା ରୂପେ ନିଜ ନାମ ନ ଆସିବାରୁ ଏଥିରେ ଭାଙ୍ଗିପଡେ। ତେବେ ଏହା ପରେ ନିଜକୁ ଦୋଷ ଦିଏ ଯେ ମୁଁ କିଛି ଜାଣିନି। ଏହି ସମୟରେ ବୁଝିବା ଦରକାର ଜିତିବା ହାରିବା ଜୀବନରେ ସବୁ କିଛି ହୋଇ ନ ଥାଏ। ଏଥିରୁ ଏହା ଶିକ୍ଷା ମିଳେ ଯେ ଏଥିରେ ଯଦି ତୁମେ ହାରିଛ ଆଗକୁ ଆହୁରି ଭଲ କରିବ, ଏଥିପାଇଁ ମନୋବଳ ଦୃଢ଼ ହେବା ନିହାତି ଆବଶ୍ୟକ। ଯଦି ମନରେ ଶିଖିବାର ଆଗ୍ରହ ଏବଂ ଧୈର୍ଯ୍ୟ ରହିଲା ତେବେ କୌଣସି ବି କାମ ଛୋଟ ଲାଗିବନି। ତେବେ ଏମିତି କିଛି ସହଜ ଉପାୟ ସମ୍ପର୍କରେ ଜାଣନ୍ତୁ,ଯାହା ପିଲାଙ୍କୁ ସବୁ ପରିସ୍ଥିତିରେ ନିଜକୁ ସମ୍ଭାଳିବାରେ ସାହାଯ୍ୟ କରିବ।

## ତୁରନ୍ତ ସବୁ କିଛି ମିଳିବାର ଜିଦ୍

ତୁମର କ'ଣ ଦରକାର ତାହାର ଜିଦ୍ ଧରି ବସିବା। ଏହାଦ୍ୱାରା ଏଥିରେ ସବୁ କିଛି ସଙ୍ଗେସଙ୍ଗେ ପାଇବାର ଆଗ୍ରହ ରଖିବା ଏହା ଗୋଟେ ଅଭ୍ୟାସରେ ପରିଣତ ହୋଇଯାଏ। ସବୁ କିଛି ପାଇବାକୁ ହେଲେ ତା'ର ମଧ୍ୟ ସଠିକ୍ ସମୟ ରହିଛି। ଯାହା ତୁମକୁ ମିଳିବାର ଅଛି ତାକୁ ଏକ ବାର୍ଥ ଡେ' ଉଇସ୍‌ଲିଷ୍ଟରେ ଲେଖି ଦିଅ। ଫଳରେ ଏହି ଜିନିଷକୁ ପଛରେ ତୁମ ମାତା-ପିତାଙ୍କୁ କୁହ। ଏହାଦ୍ୱାରା ତୁମ ଭିତରେ ଧୈର୍ଯ୍ୟ ଏବଂ ପ୍ଲାନ୍ କରିବାର ଅଭ୍ୟାସ ବିକଶିତ ହେବ।

## ହାରିବାକୁ ସ୍ୱୀକାର କର

ଅସଫଳତା ଜୀବନର ଏକ ଅଂଶ। ଯଦି ତୁମେ କୌଣସି ପ୍ରତିଯୋଗିତାରେ ହାରିଯାଉଛ ତେବେ ନିଜକୁ ଦୁର୍ବଳ ନ ଭାବି ଆଗକୁ ବଢ଼ିଚାଲ।

## ସକାରାତ୍ମକ ଚିନ୍ତାଧାରା

ଯେତେବେଳେ ତୁମେ ନିରାଶ ଅଛ ସେ ସମୟରେ ମନରେ ସକାରାତ୍ମକ ଚିନ୍ତାଧାରା ରଖ। ଏହାଦ୍ୱାରା ତୁମ ସାମ୍ନାରେ ଆସୁଥିବା ସମସ୍ୟାକୁ ସହଜରେ ସମାଧାନ କରିପାରିବ। ଯଦି କୌଣସି ବିଷୟରେ ତୁମେ ଦୁର୍ବଳ ତେବେ ସେ ବିଷୟକୁ ଅଧିକ ଗୁରୁତ୍ୱ ଦିଅ । ତାକୁ ବାରମ୍ବାର ପଢ଼ ଏହାଦ୍ୱାରା ସେ ପାଠ ସହଜରେ ମନେରହିଯିବ।

## ସମସ୍ୟା ସୁଧାରିବାର କଳାକୁ କରନ୍ତୁ ବିକାଶ

ନିଜର ସମସ୍ୟା ସମାଧାନ କରିବାକୁ ଚେଷ୍ଟା କର। ଉଦାହରଣ ସ୍ୱରୂପ ଯଦି ତୁମକୁ ସ୍କୁଲରେ କିଛି ଜିନିଷ ଭଲ ଲାଗୁନି ତେବେ ଏହାର ସତ୍ୟତା ବିଷୟରେ ପ୍ରଥମେ ସ୍କୁଲର ଶିକ୍ଷକଙ୍କୁ ଜଣାଅ,ଯଦି ସେମାନେ ଏହାକୁ ଗୁରୁତ୍ୱ ନ ଦିଅନ୍ତି ତେବେ ଏ ବିଷୟରେ ମାତାପିତାଙ୍କୁ କୁହ। ପରେ ସେ ତୁମକୁ ଏ ବିଷୟରେ ମାର୍ଗଦର୍ଶନ କରିପାରିବେ।

## ଭାବନାକୁ ବୁଝିବା

ପିଲା ନିଜର ଭାବନାକୁ ଚିହ୍ନିବା, ତାକୁ ଠିକ୍ ଭାବରେ ପରିପ୍ରକାଶ କରିବା ମଧ୍ୟ ଜରୁରୀ। ଯଦି ତୁମେ ରାଗ ମୁଡ୍‌ରେ ଅଛ ତେବେ ପ୍ରଥମେ ଶାନ୍ତ ମନରେ ପାଣି ଗ୍ଲାସ୍ ପିଇ ନିଃଶ୍ୱାସ ନିଅ ପରେ ନିଜ ଭାବନାକୁ ବୁଝ।

## ଅନ୍ୟତୁଳନାଠାରୁ ଦୂରେଇ ରୁହ

କେବେ ବି ନିଜକୁ ଅନ୍ୟ ସହ ତୁଳନା କରନାହିଁ। ଏହାଦ୍ୱାରା ତୁମେ ନିଜର ଆତ୍ମବିଶ୍ୱାସ ହରାଇ ଦେବ। ଯଦି ତୁମେ ଖରାପ ସମୟରେ ଧୈର୍ଯ୍ୟର ସହ ଏହାକୁ ସମାଧାନ କରିଦେଲ ତେବେ କିଛି ବି ଅସମ୍ଭବ ହେବ ନି।

## ଏମାନେ କ'ଣ କରନ୍ତି..

### ମନୋବଳ ଦୃଢ଼ ରଖେ



ମୋ ପାଠପଢ଼ା କ୍ୟାରିୟର ହେଉ ଅବା ବ୍ୟକ୍ତିଗତ ଜୀବନ-ଏହି ଦୁଇଟିକୁ ମୁଁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେଇଥାଏ। କିନ୍ତୁ ତା' ଭିତରେ ମୋତେ କେତେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡେ। ସେହି ସମୟରେ ମୁଁ ମୋ ମନୋବଳକୁ ଆଦୌ ଦୁର୍ବଳ କରି ନ ଥାଏ। କାରଣ ମନ ଯଦି ଦୃଢ଼ ରହିଲା ତେବେ ଆମେ କିଛି ଭଲ ନିଷ୍ପତ୍ତି ନେଇପାରିବା। କୌଣସି ସମସ୍ୟାରେ ସମ୍ମୁଖୀନ ହେଲେ ସେଥିରେ ଭାଙ୍ଗି ପଡି ନ ଥାଏ। ଏହାର କିପରି ସମାଧାନ ହେବ ସେ ନେଇ ଚେଷ୍ଟା କରେ। ତେଣୁ ନିଜ ଲକ୍ଷ୍ୟ ପଥରେ ଆଗେଇବା ସମୟରେ ନିଜର ମନୋବଳ ଦୃଢ଼ ରହିବା ଦରକାର।

**-ଓମ୍ କୁମାରୀ ସାହୁ** (କ୍ଲାସ-୧୦,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖରିଆର, ନୂଆପଡା)

### ନିଜ ଉପରେ ଭରସା ରଖେ

ମୁଁ ଯେତେବେଳେ କୌଣସି ପରସ୍ଥିତିର ସମ୍ମୁଖୀନ ହୁଏ, ସେତେବେଳେ ନିଜ ଉପରେ ଦୃଢ଼ ଭରସା ରଖେ। କାରଣ ଏଭଳି ସମୟରେ ନିଜେ ଯଦି ଦୃଢ଼ ରହିବି ତେବେ ଠିକ୍ ନିଷ୍ପତ୍ତି ନେଇପାରିବି। କୌଣସି ଅସୁବିଧାର ସାମ୍ନା କଲେ ମୁଁ କଦାପି ବିଚଳିତ ହୋଇପଡେନା। କାରଣ ଏହାଦ୍ୱାରା ସମସ୍ୟା ଆହୁରି ବଢ଼ିଯିବ। ତେଣୁ ଏପରି ସମୟରେ ନିଜ ଉପରେ ଶତ ପ୍ରତିଶତ ଭରସା ରଖିଲେ ଏଭଳି ପରିସ୍ଥିତିକୁ ଜଣେ ସାହସର ସହ ସାମ୍ନା କରିପାରିବ।



**-ଆଦିତ୍ୟ କୁମାର ରାଉତ** (କ୍ଲାସ-୧୦,ନିମାପଡ଼ା ଉଚ୍ଚ ବିଦ୍ୟାଳୟ,ନିମାପଡା,ପୁରୀ)

## ରୋଲ୍ ମଡେଲ

ମନୋବଳକୁ ଦୃଢ଼ କରିବା ପାଇଁ ନିଜର ରୋଲ୍ ମଡେଲ ଚୟନ କରିପାରନ୍ତି। ସେମାନଙ୍କ ଠାରୁ ଯେଉଁ ଭଲ କଥା ଶିଖିଛ ତାକୁ ଭଲ ଭାବରେ ତର୍ଜମା କର। ଏହାକୁ ପାଥେୟ କରି ଆଗକୁ ଆଗେଇଲେ ତୁମେ ନିଜର ଲକ୍ଷ୍ୟ ପଥରେ ଅଗ୍ରସହ ହୋଇପାରିବ। ତା'ସହ ନିଜର ମନୋବଳ ମଧ୍ୟ ଦୃଢ଼ ରହିବ।



# ତୁମ ତୂଳୀରୁ


୧

**ସାଇ ଶାଶ୍ୱତ ବେହେରା**
କ୍ଲାସ- ୭, ନିଊ ଇଣ୍ଡିଆ ପବ୍ଲିକ ସ୍କୁଲ, ଗୋପାଳପୁର, କଟକ


୨

**ସାଇସ୍ମୃତି ନାୟକ**
କ୍ଲାସ- ୫, ମା ସରସ୍ୱତୀ ଶିକ୍ଷା ମନ୍ଦିର, ଦରଘା ବଜାର, କଟକ


୩

**ପ୍ରୀପ୍ତି ସାହୁ**
କ୍ଲାସ- ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତେଲେଙ୍ଗାପେଣ୍ଠ, କଟକ


୪

**ତ୍ରାଣବିନ୍ଦୁ ସିଂ**
କ୍ଲାସ- ୭, ରାଇକମା ଆଶ୍ରମ ବିଦ୍ୟାଳୟ, ବୈଶିଙ୍ଗା, ମୟୂରଭଞ୍ଜ


୫

**ବିଶ୍ୱଜିତ୍ ପାଣି**
କ୍ଲାସ- ୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର


୬

**ଆୟୁଷ୍ମାନ ମହାନ୍ତି**
କ୍ଲାସ- ୭, ଷ୍ଟୁଆର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର


୭

**ନର୍ମଦା ମହାନ୍ତି**
କ୍ଲାସ-୪, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ବାରବାଟୀ ଷ୍ଟାଡିୟମ, କଟକ


୮

**ତନ୍ମୟ ପାଲ**
କ୍ଲାସ- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖେଲାର, ଖୋର୍ଦ୍ଧା


୯

**ଶୁଭସ୍ମିତା ବେହେରା**
କ୍ଲାସ-୧, ଅକ୍ସଫୋର୍ଡ ପବ୍ଲିକ ସ୍କୁଲ, ତେଲେଙ୍ଗାପେଣ୍ଠ, କଟକ



୧୦

**ଓମ୍ ପ୍ରକାଶ ସାହୁ**
କ୍ଲାସ- ୫, ଲବକୁଶ ବିଦ୍ୟାମନ୍ଦିର, ଦଧିବାମନପୁର



୧



୨



୩




୪


୫


୬


୧୦


୭


୮


୯



# କବିତା

## ଶ୍ରମିକ ଭାଇ

ସରଳିଆ ମେହନତି ଭାରି
ଦେଶର ଶ୍ରମିକ ଭାଇ
ରକତ ମାଉଁସେ ଗଢ଼ା ମଣିଷଟେ
ଆମ ପରି ଅଟେ ସେଇ ।
ଗଢିଛି ଅନେକ ସଡ଼କ ମହଲ
ପୋଲ ଘର କୋଠାବାଡ଼ି
ଖଟୁଛି ରାତିକୁ ଦିନ ଦି'ପହର
ଇଟାକୁ ବାଲିରେ ଯୋଡ଼ି ।
କଳ କାରଖାନା ଚିମିନୀର ଧୂଆଁ
ଖାଉଛି ସେ ନିତିନିତି
ମାଘ ମାସ ଜାଡ଼ ବଇଶାଖ ଖରା
ସହୁଛି କଷଣ ଛାତି ।
ଜିତିବା ହାରିବା ଜୀବନେ ତାହାର
ନାହିଁ ଅବସୋସ କିଛି
ଭୋକ ଉପାସକୁ ନ କରେ ଖାତିର
ଯଦି ଦେହେ ବଳ ଅଛି ।
ଦେଶ ହିତ ପାଇଁ ସମୟ ସବୁତ
ଖୁସିରେ ଦେଇଛି ସାରି
ମନେ ଭାବେ ଏବେ ସଂସାର ସାଗର
କେମିତି ହୋଇବ ପାରି ।

**– ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## କରେ ଉପକାର

ଇଞ୍ଜିନିୟର ଡାକ୍ତର ହେବା
ମନେ କରିଛି କିଏ
ପ୍ରଶାସନର ଉଚ୍ଚ ପଦରେ
ବସିବ ଆଉ କିଏ !
ବିଜ୍ଞାନୀ ରାଜନେତା ସାଜିକି
ବହୁ ଆଗକୁ ଯିବ
ସାଜି ଶିଳ୍ପୀ କଳା ପୂଜାରୀ
ସବୁରି ମନ ନେବ ।
ଝାଳ ବୁହାଇ କ୍ଷେତବାଡ଼ିରେ
ଖଟିବା ଚାହେଁ ନାହିଁ
ଶ୍ରମିକ ସାଜି ମାଟିକାଦୁଅ
ହେବନି କାହା ପାଇଁ ।
ଏମିତି ମନ ପରାଣ ଯା'ର
ଦୁନିଆ କରେ ଧିକ
କାମକୁ ଛୋଟ ବଡ଼ ନ ମଣି
ବଢ଼ାଅ ନିଜ ଟେକ ।
ନିଜ ଶ୍ରମରେ ଶ୍ରମିକ କରେ
ଦୁନିଆ ଉପକାର
ତା' ପରି କୋଉ କାମରେ କୁହ
ରହିଛି ପୁରସ୍କାର ?

**– ମହେନ୍ଦ୍ର କୁମାର ଘଡ଼େଇ**
କଟରପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

## ପୂଜ୍ୟ ଜୟଦେବ

ନିଇତି ରାତିରେ ଗୀତ ଗୋବିନ୍ଦରୁ
ନ ଶୁଣିଲେ ଦୁଇ ପଦ
ଜଗତର ନାଥ ଶ୍ରୀଜଗନ୍ନାଥଙ୍କ
ଆଖିକୁ ଆସେନି ନିଦ ।
ଏ ଗୀତି କାବ୍ୟକୁ ରଚି ଜୟଦେବ
ମରଣକୁ କଲେ ଜୟ
ମନ ଛୁଆଁ ଭାଷା ଭାବର ଭଣ୍ଡାର
କି ଉପମା ଦେବା କୁହ ।
ଭୋଜଦେବ ତାଙ୍କ ପତ୍ନୀ
ବାମାଦେବୀଙ୍କର ସୁଯୋଗ୍ୟ ସୁତ
କେନ୍ଦୁଲି ଗାଆଁରେ ଅକ୍ଷୟ ତୃତୀୟା
ଦିନ ହୋଇଥିଲେ ଜାତ ।
ବାଲ୍ୟକାଳୁ ପିତା ମାତାଙ୍କୁ ହରାଇ
ଭୋଗିଥିଲେ ଦୁଃଖ ଅତି
ଜଗତରୁ ଜଗନ୍ନାଥଙ୍କ ଆଡ଼କୁ
ଢଳିଥିଲା ତାଙ୍କ ମତି ।
ନୀଳାଚଳେ ରହି ନିତି ସୁମରଣ
କରି ସେ ପରମାନନ୍ଦ
ରାଧା କୃଷ୍ଣ ଲୀଳା ଉପରେ ରଚିଲେ
ଏ କାବ୍ୟର ପ୍ରତି ଛାନ୍ଦ ।
କବିଙ୍କ ଭକତି ଏ ଗାଥାର ରୂପ
ରସ ଛାନ୍ଦେ ହୋଇ ପ୍ରୀତ
ଅଧାଥିବା ପଦ ଲେଖିଥିଲେ ଛଦ୍ମେ
ଆସି ନିଜେ ଜଗନ୍ନାଥ ।

**– ରାଜ କିଶୋର ସ୍ୱାଇଁ**
ମୋ: ୯୪୩୭୪୪୨୦୪୧

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




## ଥରକେ ୪୫ ସ୍ୱେଟର

ଶୀତଦିନେ ଅଧିକ ଥଣ୍ଡା ଅନୁଭୂତ ହେଲେ କେତେକ ଥରକେ ଦୁଇଟି ସ୍ୱେଟର ପିନ୍ଧି ଦିଅନ୍ତି । ଆରାମ ଅନୁଭବ କରିବା ପାଇଁ ଡ୍ରେସ୍ ଭିତରେ ଗୋଟେ ପୁଣି ବାହାରେ ଆଉ ଗୋଟେ ପିନ୍ଧି ହୁଏ । ହେଲେ ଥରକେ ଜଣେ ୪୫ଟି ସ୍ୱେଟର ପିନ୍ଧିପାରିବ ବୋଲି କେବେ ଭାବି ପାରୁଛନ୍ତି! କିନ୍ତୁ ଏଭଳି ଅଜବ କାରନାମା କରି ଦେଖାଇଛନ୍ତି ଆମେରିକାର ଯୁବତୀ ସୋଫିଆ ଏଫ୍ ହେଡେନ୍ । ସେ ପ୍ରଥମେ ଗୋଟିଏ ସ୍ୱେଟର ପିନ୍ଧି ତା'ପରେ ଆଉ ଗୋଟିଏ ଲେଖାଏ କରି ମୋଟ ୪୫ଟି ସ୍ୱେଟର ପିନ୍ଧି ଦେଇଥିଲେ । ଏକା ଥରକେ ଏତେ ଅଧିକ ସ୍ୱେଟର ପିନ୍ଧି ସେ ଅଜବ ଦେଖା ଯାଉଥିଲେ ସତ କିନ୍ତୁ ଗିନିଜ୍ ରେକର୍ଡ କରି ପାରିଥିଲେ । ଏକ ସମୟରେ ବିଶ୍ୱର ସବୁଠୁ ଅଧିକ ସ୍ୱେଟର ପିନ୍ଧି ପାରିଥିବା ମହିଳା ହୋଇ ପାରିଥିଲେ । ୨୦୨୪ ଫେବୃଆରୀରେ ସେ ଏହି ରେକର୍ଡ କରିଥିଲେ ଓ ପରେ ସେ ସବୁ ସ୍ୱେଟରକୁ ଦାନ କରିଦେଇଥିଲେ । ତେବେ ତାଙ୍କ ପୂର୍ବରୁ ଏଭଳିଭାବେ ସବୁଠୁ ଅଧିକ ସ୍ୱେଟର ପିନ୍ଧିବାର ରେକର୍ଡ ଥିଲା ଫ୍ରାନ୍ସର ମହିଳା ଥୋମାସ୍ ହକ୍ୱେଟ ଓମ୍ନାମ୍ୟୋଙ୍କ ନାଁରେ । ସେ ୨୦୨୨ରେ ୪୦ଟି ସ୍ୱେଟର ପିନ୍ଧିଥିଲେ । ତାଙ୍କ ପୂର୍ବରୁ ୩୦ଟି ସ୍ୱେଟର ପିନ୍ଧି ଏହି ରେକର୍ଡ କରିଥିଲେ ଆମେରିକାର ଥିଓଡୋର କିନ୍ସେଲା ।

# ଏଥରର ?

- ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ?
- ଭାରତରେ ପ୍ରଥମ ଥର ପାଇଁ ବାଳିକା ବିଦ୍ୟାଳୟ କିଏ ଖୋଲିଥିଲେ ?
- ଭାରତରେ ପ୍ରଥମ ମହିଳା ପାଇଲଟ୍ ?
- ଅଶୋକ ଚକ୍ର ସମ୍ମାନ ପାଇଥିବା ପ୍ରଥମ ଭାରତୀୟ ମହିଳା ?
- ଜାଲିଆନାୱାଲାବାଗ ହତ୍ୟାକାଣ୍ଡ କେବେ ହୋଇଥିଲା ?

## ଗତଥରର ଉତ୍ତର

- ସିଂହ
- ଟେହରୀ ଡ୍ୟାମ
- ଧଳା
- ଊନବିଂଶ ଶତାବ୍ଦୀରେ
- କର୍ଣ୍ଣାଟକ

## କହିଲ ଦେଖି



ଦୁଇଟି ପଶୁକୁ ଗୋଟେ ମଣିଷ
ମିଶିଗଲେ ଭଲେ ହୁଅଇ ଚାଷ
ଖରାବରଷାକୁ ଖାତିର ନାହିଁ
ବୁଲୁଥାନ୍ତି କ୍ଷେତଚଷିବା ପାଇଁ
କଷ୍ଟ କରି ସିଏ ତାଡ଼ନ୍ତି ମାଟି
କିଏ ସେ କହିବ ତା'ର ନାମଟି ?

**ଉ– ହଳ**



ଏମିତି ଅଟଇ ପରବ ସିଏ
ଚାଷ ଅନୁକୂଳ ସେ ଦିନୁ ହୁଏ
ଖୁସିରେ ନାଚଇ କୃଷକ ମନ
କ୍ଷେତରେ ବୁଣେ ବିହନ ଧାନ
ଶୁଭକାର୍ଯ୍ୟ ଯେତେ ସେ ଦିନୁ ହୁଏ
ନାମଟି ତାହାର କହିବ କିଏ ?

**ଉ– ଅକ୍ଷୟତୃତୀୟା**



ଗାଧୋଇ ପାଧୋଇ କୃଷକଭାଇ
କ୍ଷେତକୁ ଯାଏ ସେ ବିହନ ନେଇ
ଟୋକେଇରେ ଭରି ନିଏ ସେ ଧାନ
ଆନନ୍ଦ ମନରେ ବୁଣେ ବିହନ
ଯେଉଁ ଅନୁକୂଳ ଧାନ କ୍ଷେତକୁ ନିଏ
ନାମଟି ତାହାର କହିବ କିଏ ?

**ଉ– ଅଖିମୁଠି**



ଆମ ଅନ୍ନଦାତା ସିଏ ଅଟନ୍ତି
ଆମକୁ ସିଏ ଖାଦ୍ୟ ଯୋଗାନ୍ତି
ଖରାବରଷାକୁ ନ ଥାଏ ଡର
ରହିଥାଏ କେତେ କାର୍ଯ୍ୟର ଭାର
ମୁଣ୍ଡରେ ଠେକା ବାନ୍ଧନ୍ତି ସିଏ
ନାମଟି ତାଙ୍କର କହିବେ କିଏ ?

**ଉ– କୃଷକଭାଇ**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ:୮୩୧୦୩୨୮୩୪୫

# ଅଣ୍ଡା ଭିତରେ କଥା ହୁଅନ୍ତି କଇଁଛ ଛୁଆ

**ବି**ଶ୍ୱରେ ଅନେକ ପ୍ରକାର ଜୀବଜନ୍ତୁ ଦେଖିବାକୁ ମିଳିଥାନ୍ତି । କେତେକ ଜୀବଙ୍କର କିଛି ଖାସ୍ ଗୁଣ ଥାଏ ;ଯେଉଁ କାରଣରୁ ସେମାନଙ୍କୁ ଜଣା ଯାଇଥାଏ । ପିଲାଏ ଜାଣିଛ କି କଇଁଛର ଛୁଆ ଅଣ୍ଡା ଭିତରେ ମଧ୍ୟ କଥା ହୋଇଥାଏ । କଇଁଛ ପାଣିରେ ରହୁଥିବା ଜୀବ । ଏହାର କବଚ ବା ଶରୀରର ଉପରିଭାଗ ବହୁତ ମଜଭୁତ ହୋଇଥାଏ । ପୁଣି କଇଁଛର ଅଣ୍ଡା ଅନ୍ୟ ଜୀବଙ୍କଠାରୁ ମଧ୍ୟ  ଭିନ୍ନ । ତେବେ କଇଁଛର ଛୁଆ ଅଣ୍ଡା ମଧ୍ୟରୁ କଥା କହିଥାଏ ବୋଲି  ସ୍ୱିଜରଲାଣ୍ଡର ଜୁରିକ୍ ବିଶ୍ୱବିଦ୍ୟାଳୟର ଗବେଷକ ଗାବ୍ରିଏଲ ଜର୍ଜବିଚ୍ ସୂଚୀତ କରିଛନ୍ତି ।  କଇଁଛ ଉପରେ ଗବେଷଣା  ଚଳାଇଥିବା ଗାବ୍ରିଏଲ ଜାଣିବାକୁ ପାଇଲେ ଯେ କଇଁଛର ଛୁଆ ଅଣ୍ଡା ମଧ୍ୟରୁ କିଛି ଶବ୍ଦ ବାହାର କରିଥାଏ । ଯାହାକୁ ନେଇ ସେ ଏଭଳି ମତ ଦେଇଛନ୍ତି ।



# ୬୦ ସେକେଣ୍ଡ ପୂର୍ବରୁ ଜଣାପଡେ ଭୂମିକମ୍ପର ପୂର୍ବାନୁମାନ

**ଜା**ପାନ ଏବଂ କାଲିଫର୍ଣ୍ଣିଆ ଏମିତି ଦୁଇଟି ସ୍ଥାନ ଯେଉଁଠି,ଭୂମିକମ୍ପ ଆସିବାର ୬୦ସେକେଣ୍ଡ ପୂର୍ବରୁ ଜଣାପଡି ଯାଇଥାଏ । ଏହାଦ୍ୱାରା ଲୋକମାନେ ସତର୍କ ହୋଇଯାନ୍ତି । କାହିଁକି ନା ଏସବୁ ସ୍ଥାନରେ ସେନ୍ସର ସହିତ ଆଲାର୍ମ ସିଷ୍ଟମ ରହିଛି । ଯେଉଁ କାରଣରୁ ଏଠାରେ ପୂର୍ବାନୁମାନ ମିଳିଯାଏ । ପି ୱେଭ୍ସକୁ ଆଧାର କରି ଏହି ସିଷ୍ଟମ ଭୂମିକମ୍ପ  ଝଟ୍‌କାର ତୀବ୍ରତା ଏବଂ କ୍ଷୟକ୍ଷତି ଆକଳନ କରି  ପୂର୍ବରୁ ଲୋକଙ୍କୁ ସତର୍କ କରିଦିଆଯାଏ । ଜାପାନ ଏବଂ କାଲିଫର୍ଣ୍ଣିଆ ଏପରି ଦୁଇଟି ସ୍ଥାନ ଯେଉଁଠି ସକ୍ରୀୟ ଭୂକମ୍ପ କ୍ଷେତ୍ରରେ ଅବସ୍ଥିତ । ଏଠାରେ ମଝିରେ ମଝିରେ ଭୂମିକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ । ଏହି କାରଣରୁ ଏଠାରେ ଏପରି ସିଷ୍ଟମ ବ୍ୟବହୃତ ହୋଇଛି ।








# ବୋତଲେ ପାଣିକୁ ୧୦୦୦ଟଙ୍କା

**ଆ**ମ ଦେଶରେ ପାଣି ଖୁବ୍ ସହଜରେ  ମିଳିଯାଏ । ଏଠାରେ ଏକ ଲିଟର ପାଣି ବୋତଲର ଦାମ୍ ୨୦ଟଙ୍କା ହୋଇଥିବା ବେଳେ ଅନ୍ୟ କେତେକ ଦେଶରେ ୧ ଲିଟର ପାଣିର ଦାମ୍ ୧୦୦୦ଟଙ୍କା ଉପରେ । ତୁମେମାନେ କେବେ ଭାବିଥିବ ପାଣିର ଦାମ୍ ବି କ'ଣ ଏତେ ହୋଇପାରେ । କିନ୍ତୁ ହଁ , ସୁଇଜରଲାଣ୍ଡ ଏପରି ଏକ ଦେଶ   ଯେଉଁଠି ୧ ଲିଟର ପାଣି ବୋତଲ କିଣିବାକୁ ତୁମକୁ  ୧୦୦୦ଟଙ୍କା ଉପରେ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏମିତିରେ ଏଠାକାର ଲୋକଙ୍କୁ ଦିନ ମଧ୍ୟରେ ପାଣିର ଆବଶ୍ୟକତା ପୂରଣ ଲାଗି ଦରମାର ବଡ଼ ଭାଗ ଖର୍ଚ୍ଚ କରିବାକୁ ପଡ଼ିଥାଏ । ସୁଇଜରଲାଣ୍ଡର ସରକାର ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇଦେବା ଲାଗି ଏକ ଟେକ୍‌ନିକ୍‌ର ଉପଯୋଗ କରୁଛନ୍ତି । ଏହି ମେଶିନର ଦାମ୍ ବି କିଛି କମ୍ ନୁହେଁ ।

# ଖାଆନ୍ତି ଗୋଟିଏ ଦେଶରେ, ଶୁଅନ୍ତି ଅନ୍ୟ ଦେଶରେ



**ପୃ**ଥିବୀରେ ଏମିତି ଏକ ଗାଁ ରହିଛି ଯେଉଁଠି ଲୋକେ ବିନା ପାସ୍‌ପୋର୍ଟ(ଭିଜା)ରେ ଯିବା ଆସିବା କରିପାରିଥାନ୍ତି । କେବଳ ଏତିକି ନୁହେଁ, ଏପରିକି ଲୋକେ ଖାଦ୍ୟ ଗୋଟିଏ ଦେଶରେ ଖାଉଥିବା ବେଳେ ଶୋଇବା ଲାଗି ଅନ୍ୟ ଦେଶକୁ ଯାଇଥାନ୍ତି । ଏଠାରେ ଆଶ୍ଚର୍ଯ୍ୟର କଥା ହେଲା– ଏହି ଗାଁର ଅଧାଭାଗ ଭାରତରେ ଥିବା ବେଳେ ଅନ୍ୟ ଭାଗ ମ୍ୟାନ୍‌ମାରରେ । ଗାଁଟିର ନାମ ଲଙ୍ଗୱା ; ଯାହାକି ମ୍ୟାନ୍‌ମାର ସୀମାକୁ ଲାଗିଛି । ଗାଁଟି ନାଗାଲାଣ୍ଡର ରାଜଧାନୀ କୋହିମାଠାରୁ ୩୮୯ କି.ମି. ଦୂର ଉତ୍ତର–ପୂର୍ବ ମୌନ ଜିଲାରେ ଅବସ୍ଥିତ । ଏହି ଗାଁର ସୌନ୍ଦର୍ଯ୍ୟ ବେଶ ଆକର୍ଷଣୀୟ । ଏଠାରେ ଆଦିବାସୀ ଜନଜାତି ଲୋକ ରୁହନ୍ତି । ୧୯୭୦–୭୧ରେ  ଗାଁ ମଧ୍ୟରେ ବର୍ଡର ଲାଇନ ଟଣାଯାଇଥିଲା । ଦୁଇଭାଗ ଗାଁ ହୋଇଯିବାରୁ କିଛି ଲୋକଙ୍କ ଘରର କିଚେନ୍ ଭାରତରେ



ପଡୁଥିବା ବେଳେ ବେଡ୍‌ରୁମ୍  ମ୍ୟାନମାରରେ ରହିଛି । ଏହି କାରଣରୁ ଏଠାକାର ଲୋକେ ଖାଇବାକୁ ଭାରତ ଆସୁଥିବା ବେଳେ ଶୋଇବାକୁ ମ୍ୟାନ୍‌ମାର ଯାଇଥାନ୍ତି । ଏଠାକାର ଲୋକେ ମଧ୍ୟ ଦୁଇ ଦେଶର ନାଗରିକତ୍ୱ ଗ୍ରହଣ କରିଛନ୍ତି । ଏଥିପାଇଁ ଏଠିକା ଲୋକଙ୍କ ପାସ୍‌ପୋର୍ଟ କିମ୍ବା ଭିଜାର ଆବଶ୍ୟକତା ପଡ଼େନାହିଁ । ଏଠାରେ ମଧ୍ୟ କେତେକ ପର୍ଯ୍ୟଟନସ୍ଥଳୀ ରହିଛି ।

# ଆଇନା

**ଦେବାଂଶୀ ମଲ୍ଲ**
୪ ବର୍ଷ/କଟକ





**ତିଥି ତ୍ରିପନ୍ନା ନାଥ**
୪ ବର୍ଷ/ଭୁବନେଶ୍ୱର